## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ

ବ୍ରହ୍ମପୁର ଅଫିସ,୩୦ା୧: ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣେ ଶିଶୁଙ୍କ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ମାଝିଗୁଡାର ସିରା ଖରାଙ୍କ ପୁଅ ସୀମାଞ୍ଚଳ ଖରା (୬)। ମେଡିକାଲ ଫାଣ୍ଡି ପୋଲିସ ଗୁରୁବାର ମୃତଦେହ ଜବତ କରି ନଂ.୫୦/୨୦ ରେ ଏକ ମାମଲା ରଜୁ କରିଛି। ବୁଧବାର ପୂର୍ବାହ୍ନରେ ସୀମାଞ୍ଚଳ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଶିଶୁଟିକୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ଗୁରୁତର ହେବାରୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

### ଗୁରୁକୁଳରେ ବାଗ୍‌ଦେବୀଙ୍କ ପୂଜା

ବ୍ରହ୍ମପୁର ଅଫିସ,୩୦ା୧: ବ୍ରହ୍ମପୁର ଗୁଡସ୍ ସେଡ୍‌ରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲ ପରିସରରେ ସରସ୍ୱତୀଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦିକା ଅନୀତା ପାଢ଼ୀ, ଅଧକ୍ଷ ଅମିତ୍ କର, ମଧୁଛନ୍ଦା ମିଶ୍ର ଓ ପୂଜା ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନୂତନ ଭାବେ ଶିକ୍ଷାଦାନ ପାଇଁ ଶିଶୁଙ୍କ ଖଡିଛୁଆଁ ହୋଇଥିଲା।

ମହାନଗର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

### ସ୍ୱୟମ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ

ବ୍ରହ୍ମପୁର ଅଫିସ,୩୦ା୧: ଖଲ୍ଲିକୋଟ କଲେଜ ଖେଳପଡିଆରେ ଚାଲିଥିବା ୭ମ ମହାନଗର ମହୋତ୍ସବ ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି। ବ୍ରହ୍ମପୁର ଉପ ଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ ଏହାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ସଭାପତି ନାରାୟଣ ମହାଙ୍କୁଡ଼ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଦେବେଶ ସାମନ୍ତରାୟ ଯୋଗ ଦେଇଥିଲେ। ସନ୍ଧ୍ୟାରେ ରୋମାଞ୍ଚ ଭରିଥିଲେ ଓଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ। ନିଜସ୍ୱ ସୁପରହିଟ୍ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେମାଙ୍ଗ ରାଉଳ, କୋଷାଧକ୍ଷ ପ୍ରଣୟ ପଣ୍ଡା, ସୁଦୀପ ସାହୁ, ଆଲୋକ ସାହୁ, ଶିକ୍ଷାବିତ ମିହିର ତ୍ରିପାଠୀ, ସୂର୍ଯ୍ୟନାରାୟଣ ଦାସ, ଗୋପାଳ କୃଷ୍ଣ ଡାକୁଆ ଓ ଯୁଗ୍ମ ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ତପ୍ତପାଣି ଘାଟିରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଗୋପାଳ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଶିବରାମ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଷ୍ଟାର ପ୍ଲସ ଡ୍ୟାନ୍ସ ୫ରେ ଦର୍ଶକଙ୍କ ମନ ଜିଣିଥିବା ବ୍ରହ୍ମପୁରର ଶିବ ପ୍ରସାଦ ଦାସଙ୍କୁ ମହୋତ୍ସବ ପକ୍ଷରୁ ସମ୍ମାନିତ କରାଯାଇଥିଲା।

### ନକଲି ପୋଲିସ ପରିଚୟ ଦେଇ ମହିଳାଙ୍କ ଗହଣା ଲୁଟ୍

ବ୍ରହ୍ମପୁର ଅଫିସ,୩୦ା୧: ବ୍ରହ୍ମପୁର ଅନ୍ଧପସରା ରୋଡ ସ୍ପେକ୍ଟ୍ରମ ଆପାର୍ଟମେଣ୍ଟରେ ରହୁଥିବା ନିରୁପମା ଭଟ୍ଟ ମନ୍ଦିର ଦର୍ଶନ ସାରି ଗୁରୁବାର ଆପାର୍ଟମେଣ୍ଟକୁ ଫେରୁଥିଲେ। ଆପାର୍ଟମେଣ୍ଟ ନିକଟରେ ୨ ଜଣ ଯୁବକ ତାଙ୍କୁ ପୋଲିସ ବୋଲି ପରିଚୟ ଦେଇଥିଲେ। ଆଗରେ ଚେକିଂ ହେଉଛି। ଏଣୁ ତୁମେ ପିନ୍ଧିଥିବା ସୁନା ଗହଣାଗୁଡିକ ବାହାର କରି ସେମାନେ ଧରିଥିବା ଏକ ରୁମାଲରେ ରଖିବାକୁ କହିଥିଲେ। ମହିଳା ଜଣଙ୍କ ସୁନାଚେନ ଓ ମୁଦି ବାହାର କରି ରୁମାଲରେ ରଖି ଥିଲେ। ପରେ କୌଶଳକ୍ରମେ ଲୁଟେରାମାନେ ଧରିଥିବା ଅନ୍ୟ ଏକ ରୁମାଲ ନିରୁପମାଙ୍କୁ ଧରାଇ ଦେଇଥିଲେ। ଘରକୁ ଯାଇ ସେହି ରୁମାଲ ଖୋଲିବାରୁ ସେମାନେ ତାଙ୍କୁ କହିଥିଲେ। ଘରେ ଦେଖିଲା ବେଳକୁ ଗହଣା ନ ଥିଲା। ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦/୨୦ରେ ଏକ ମାମଲା ରୁଜୁ କରିଛି।

# ବ୍ରହ୍ମପୁର ନାଗରିକ ମଞ୍ଚର ଗଣଧାରଣା

ବ୍ରହ୍ମପୁର ଅଫିସ,୩୦ା୧

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଗୁରୁବାର ବ୍ରହ୍ମପୁର ନାଗରିକ ମଞ୍ଚ ପକ୍ଷରୁ ପାଳନ ଅବସରରେ ଗାନ୍ଧୀ ନଗରଛକସ୍ଥ ବାପୁଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଗଣଧାରଣା ଦିଆଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସମ୍ବିଧାନ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପଣ୍ଡା ନେତୃତ୍ୱ ନେଇଥିଲେ। କଂଗ୍ରେସ ନେତା ପୀତବାସ ପଣ୍ଡା, ପ୍ରମୋଦ କୁମାର ଜେନା, ଭୋକାଲି ସେଠୀ, ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ, ଲଲାଟେନ୍ଦୁ ପାଢ଼ୀ ଓ ଭାଗୀରଥି ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ବାମପନ୍ଥୀ ନେତା ଯୁଧିଷ୍ଠିର ବେହେରା, ପ୍ରକାଶ ପାତ୍ର, ନୀଳକଣ୍ଠ ଦାସ, ବସନ୍ତ ନନ୍ଦ, କୈଳାସ ଷଡ଼ଙ୍ଗୀ, ପ୍ରତାପ ଚୌଧୁରୀ, କିଶୋର ମିଶ୍ର, ମାନବାଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ କୁମାର ଗୟା, ହେତୁବାଦୀ ସଂଗଠନର ଇଂ. ରାଜା ସୁରେଶଙ୍କ ସମେତ ବିଭିନ୍ନସ୍ତରର ଅନେକ ସଚେତନ ନାଗରିକ ଯୋଗ ଦେଇଥିଲେ।

ଗଣଧାରଣା ସ୍ଥଳରେ ଅନୁଷ୍ଠିତ ସଭାରେ କେନ୍ଦ୍ର ମୋଦି ସରକାର ଶାସନରେ ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଥିବା ଅଭିଯୋଗ କରାଯାଇଥିଲା। ଧର୍ମାନ୍ଧ ରାଜନୀତି ଦ୍ୱାରା ଅରାଜକତା ସୃଷ୍ଟି ସାଙ୍ଗକୁ ବେକାରି ସମସ୍ୟା ସମାଧାନ ପରିବର୍ତ୍ତେ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଦେଇଥିବା ସମାଲୋଚନା ହୋଇଥିଲା। ଅନାବଶ୍ୟକ ଭାବେ ନାଗରିକତା ସଂଶୋଧନ ଆଇନ (ସିଏଏ) ଜାତୀୟ ଜନଗଣନା ପଞ୍ଜୀକରଣ ଆଇନ କାର୍ଯ୍ୟକାରୀ କରିବା ଦ୍ୱାରା ହିଂସା ଓ ଭୟର ବାତାବରଣ ଦେଖାଦେଇଥିବା ଦର୍ଶାଇ ମଞ୍ଚ ନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗାନ୍ଧୀଙ୍କ ହତ୍ୟାକାରୀ ସଂଗଠନକୁ ମୋଦି ସରକାର ପ୍ରୋତ୍ସାହିତ କରୁଥିବା କଟାକ୍ଷ କରାଯାଇଥିଲା।


ଗଣଧାରଣାରେ ମଞ୍ଚ ନେତାମାନେ ।

**ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ**

ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଲଗାମଛଡ଼ା ଦର ବୃଦ୍ଧିକୁ ରୋକିବା ଏବଂ ବଢ଼ି ଚାଲିଥିବା କୃଷକ ତଥା ଚାଷୀ ଆତ୍ମହତ୍ୟା ରୋକିବାରେ ମୋଦି ସରକାର ବିଫଳ ହୋଇଥିବା କୁହାଯାଇଥିଲା। ଦେଖା ଦେଇଥିବା ଆର୍ଥିକ ମାନ୍ଦାବସ୍ଥା ପାଇଁ କେନ୍ଦ୍ରର ବିଫଳ ଶାସନକୁ ଦାୟୀ କରାଯାଇଥିଲା। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଗଣତାନ୍ତ୍ରିକ ଓ ଜନ ବିରୋଧୀ କାର୍ଯ୍ୟକୁ ରାଜ୍ୟ ବିଜେଡି ସରକାର ସମର୍ଥନ କରୁଥିବାରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ତୀବ୍ରନିନ୍ଦା କରାଯାଇଥିଲା।

# ମିଳିଛି ଫୁଟେଜ, ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୩୦ା୧

ଟାଉନ ଥାନା ଅନ୍ତର୍ଗତ ମିଲିଟାରୀ ଲାଇନ୍‌ରେ ଥିବା କାନାରା ବ୍ୟାଙ୍କରୁ ଦୁର୍ବୃତ୍ତମାନେ ଗତ ଜୁଲାଇ ୬ରେ ଜଣେ ଜମାକାରୀଙ୍କଠାରୁ ଅଭିନବ ଉପାୟରେ ୧୮ ହଜାର ଟଙ୍କା ଠକି ନେଇଥିଲେ। ଶିବରାମ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପରେ ପୋଲିସ ବ୍ୟାଙ୍କକୁ ଯାଇ ସିସି ଟିଭି ଫୁଟେଜ ସଂଗ୍ରହ କରି ଜମାକାରୀଙ୍କ ନିକଟରେ ଠିଆ ହୋଇଥିବା ଯୁବକମାନଙ୍କୁ ଚିହ୍ନଟ କରିଥିଲା। ଘଟଣାର ୬ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଚୋରଙ୍କୁ ଧରି ପାରିନାହିଁ। ସେହିପରି ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ଓଭରବ୍ରିଜ ଏଣ୍ଟ୍ରି ପଏଣ୍ଟରେ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ବୁଧବାର ଲୁଟ ଉଦ୍ୟମ ହୋଇଥିଲା। ଆକାଶ କୁମାର ଶତପଥୀ କମାପଲ୍ଲୀ ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମେଡିକାଲ ଶାଖାରୁ ୩ ଲକ୍ଷ ଟଙ୍କା ଉଠାଇ ଫେରୁଥିବା ବେଳେ ବ୍ୟାଙ୍କରୁ ପିଛା କରୁଥିବା ଦୁର୍ବୃତ୍ତମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଏହି ଘଟଣାରେ ମଧ୍ୟ ପୋଲିସକୁ ସଫଳତା ମିଳିପାରିନାହିଁ। ସେହିପରି ପୂର୍ବରୁ ଜୁଲାଇରେ ଟାଉନ ଥାନା ଅନ୍ତର୍ଗତ ମିଲିଟାରୀ ଲାଇନ୍‌ରେ ଥିବା କାନାରା

**ବ୍ୟାଙ୍କରୁ ଜମାକାରୀଙ୍କ ଟଙ୍କା ଠକେଇ ଘଟଣା**

ବ୍ୟାଙ୍କରେ ଲୁଟେରାମାନେ ଜଣେ ଜମାକାରୀଙ୍କୁ ଟାର୍ଗେଟ କରିଥିଲେ। ନିଳାଦ୍ରୀବିହାରର ଶିବରାମ ସାହୁ ଗତ ଜୁଲାଇ ୬ରେ ଉକ୍ତ ବ୍ୟାଙ୍କରେ ୫୦ ହଜାର ଟଙ୍କା ଜମା କରିବାକୁ ଯାଇ ଧାଡିରେ ଠିଆ ହୋଇଥିଲେ। ତାଙ୍କ ପଛରେ ଠିଆ ହୋଇଥିବା ୨ ଜଣ ଯୁବକ କ୍ରମିକ ନମ୍ବର ଲେଖିବା ଆଳରେ ସେଥିରୁ ୧୮ ହଜାର ଟଙ୍କା ଠକି ନେଇ ବଳକା ଟଙ୍କା ଫେରାଇ ପଳାଇ ଯାଇଥିଲେ। ଶିବରାମ ଯୁବକମାନଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ।

# ବ୍ରହ୍ମପୁର ବଜାରରେ ଟାଟା ମୋଟର୍ସର ନୂଆ ଅଲ୍‌ଟ୍ରୋଜ୍ ମଡେଲ କାର୍

ବ୍ରହ୍ମପୁର ଅଫିସ,୩୦ା୧

ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ଟାଟାମୋଟର୍ସ ପକ୍ଷରୁ ଏହାର ନୂଆ ମଡେଲ ଅଲଟ୍ରୋଜ୍ ବ୍ରହ୍ମପୁର ବଜାରରେ ପ୍ରବେଶ କରିଛି । ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁର ଟାଟାବେଞ୍ଜସ୍ଥିତ ଜିଅନ ଅଟୋମୋଟିଭସ୍ ଶୋରୁମ ପରିସରରେ ଏହାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରିମିୟମ୍ ହ୍ୟାଚ୍ ବ୍ୟାକ୍ ସେଗ୍‌ମେଣ୍ଟର ଏହି ମଡେଲଟିର ଏକ୍ସ ଶୋରୁମ ସର୍ବନିମ୍ନ ବଜାର ଦର ୫.୨୯ ଲକ୍ଷ ଟଙ୍କା ରହିଛି । ଏହା ବିଏସ୍-୬ ଅନୁପାଳନ ଇଞ୍ଜିନ ସହ ଆସିଥିବା ବେଳେ ୧.୨ ଲିଟର ପେଟ୍ରୋଲ ଏବଂ ୧.୫ ଲିଟର ଡିଜେଲ ଇଞ୍ଜିନ ବର୍ଗରେ ଏହା ଉପଲବ୍ଧ ହୋଇଛି । ମଡେଲଟି ଏକ୍ସଇ, ଏକ୍ସଏମ୍, ଏକ୍ସଟି ଓ ଏକ୍ସଜେଡ ପ୍ରଭୃତି ଭାରିଆଣ୍ଟ ସହ ୫ ଟି ରଙ୍ଗରେ ଏହା ବଜାରରେ ଉପଲବ୍ଧ ରହିଛି। ଏଥିସହ ଗ୍ଲୋବାଲ ନ୍ୟୁ କାର ରେଟିଂ ଆସେସ୍‌ମେଣ୍ଟରେ ଚଳିତ ବର୍ଷର ପ୍ରଥମ କାର ଭାବେ ଏହା ୫ ଷ୍ଟାର ରେଟିଂ ଲାଭ କରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଏହାର ପେଟ୍ରୋଲ ଭାରିଆଣ୍ଟର ବଜାର ଦର ୫.୨୯ ଲକ୍ଷରୁ ଆରମ୍ଭ ହୋଇ ୭.୬୯ ଲକ୍ଷ ଏବଂ ଡିଜେଲ ଭାରିଆଣ୍ଟର ଦର ୬.୯୯ ଲକ୍ଷରୁ ୯.୨୯ ଲକ୍ଷ ଟଙ୍କା ରହିଛି। ବ୍ରହ୍ମପୁରରେ ଅନୁଷ୍ଠିତ ଏହି ମଡେଲର ଉନ୍ମୋଚନ ଉତ୍ସବରେ ଶୋରୁମ ଏମ୍‌ଡି ମନୋଜ ସାହୁ, ଡାଇରେକ୍ଟର ଦିବ୍ୟଜ୍ୟୋତି ମିଶ୍ର, ଶଶାଙ୍କ ଭେଗଡ, ଟାଟା ମୋଟର୍ସର ଟିଏସ୍‌ଏମ୍ ସନ୍ଦୀପ କୁମାର, ଜେନେରାଲ ମ୍ୟାନେଜର(ଜିଏମ) ପ୍ରତାପ ଶତପଥୀ, ଶାଖା ପରିଚାଳକ ଅଭୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଡେଲର ଫିଚର୍ସ ବ୍ରହ୍ମପୁର ତଥା ଦକ୍ଷିଣ ଓଡିଶାବାସୀଙ୍କୁ ଆକର୍ଷିତ କରିବା ନେଇ କମ୍ପାନୀ ପକ୍ଷରୁ ଆଶା ପୋଷଣ କରାଯାଇଛି । ଏହି ମଡେଲର ବୁକିଂ ଆରମ୍ଭ ହୋଇଯାଇଥିବା ଜିଏମ୍ ଶତପଥୀ ସୂଚାଇଛନ୍ତି ।



ଉନ୍ମୋଚନ ଉତ୍ସବରେ କମ୍ପାନୀ କର୍ମକର୍ତ୍ତା ।

## ୱାକର୍ସ କ୍ଲବର ଅଧିଷ୍ଠାନ ଉତ୍ସବ

ବ୍ରହ୍ମପୁର ଅଫିସ, ୩୦ା୧

ସ୍ଥାନୀୟ ଧର୍ମନଗର ରୋଟାରି କ୍ଲବ ପରିସରରେ ଗୁରୁବାର ୱାକର୍ସ କ୍ଲବର ୧୮ତମ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି। ରଞ୍ଜନ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଡ଼. ଇପାରି ଜୟନ୍ତ ରାଓ, ପୂର୍ବତନ ଆନ୍ତର୍ଜାତିକ ସଭାପତି ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଞ୍ଚାସୀନ ରହି ଯୋଗ ଓ ବ୍ୟାୟାମ କରି ଶାରୀରିକ ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ। ୱାକର୍ସ କ୍ଲବ ୧୦୪ତମ ଜୋନ୍ ଜିଲା ଗଭର୍ନର ହରିକୃଷ୍ଣ ମିଶ୍ର କ୍ଲବର ନିୟମାବଳୀ ଉପସ୍ଥାପନ କରିଥିଲେ । ୨୦୨୦ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ରାଜକିଶୋର ସ୍ୱାଇଁ, କେ. ସତ୍ୟା ରାଓ ଓ ନାର୍ସୁ ଜେନା, ଉପସଭାପତି ଭି.ଆର.କେ. ଗୁପ୍ତା, ଇଂ.ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧି, ବି. ଆନନ୍ଦ ରାଓ ସମ୍ପାଦକ କେ. ରାମା ରାଓଙ୍କୁ କୋଷାଧକ୍ଷ ଭାବେ କ୍ଲବ ପକ୍ଷରୁ ମନୋନୀତ କରାଯାଇଛି। ସୀମାଞ୍ଚଳ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଟି. ବାସୁଦେବ ରାଓ, ଭୁବନେଶ୍ୱର ଚୌଧୁରୀ, ଟି.ସୀମାଞ୍ଚଳ ପାତ୍ର, ସିଏଚ୍. ସୂର୍ଯ୍ୟନାରାୟଣ ରାଓ, ଏସ୍.ନାଗେଶ୍ୱର ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନୀଳକଣ୍ଠନଗର ଡିଗ୍ରୀ ବିଦ୍ୟାମନ୍ଦିରରେ ଆତ୍ମସୁରକ୍ଷା କୌଶଳ ଶିବିର

ବ୍ରହ୍ମପୁର ଅଫିସ,୩୦ା୧

ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିରରେ ଛାତ୍ରୀଙ୍କ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ପ୍ରାଧାପକ ତଥା ଆତ୍ମସୁରକ୍ଷା କୌଶଳ ଶିକ୍ଷା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଡ. ଦେବରାଜ ସ୍ୱାଇଁ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ସମ୍ପାଦକ ନାରାୟଣ ପଣ୍ଡା, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସାମାଜିକକର୍ମୀ ଲଳିତ ଭାଇ, ଡିନ୍ ଡ. ବିବେକାନନ୍ଦ ପଣ୍ଡା ଓ ଡ. ଉମେଶ ସାହୁ ମଞ୍ଚାସୀନ ଥିଲେ । ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ଅଧକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରୋହିଣୀରାଣୀ ଖଣ୍ଡୁଆଳ, ଲକ୍ଷ୍ମୀପ୍ରିୟା ସାହୁ ଓ ଉଷାରାଣୀ ସାହୁ ଶିବିରରେ ଟ୍ରେନର ଭାବେ ଯୋଗଦେଇ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ନିଆଁରେ ପୋଡ଼ିହୋଇ ମହିଳା ମୃତ

ବ୍ରହ୍ମପୁର ଅଫିସ,୩୦ା୧

ନିଆଁରେ ପୋଡ଼ିହୋଇ ଗୁରୁତର ଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ବଡଗଡ ଥାନା ଅନ୍ତର୍ଗତ ଝିଲିମିଲି ଗ୍ରାମର ପୁଷ୍ପାଞ୍ଜଳି ନାୟକ (୩୫)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୧/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଘଟଣାରୁ ପ୍ରକାଶ, ପୁଷ୍ପାଞ୍ଜଳି ଗତ ୧୪ ଦିନ ତଳେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ନିୟମାନୁସାରେ ବୁଧବାର ପୁଷ୍ପାଞ୍ଜଳି ସ୍ନାନ କରିବା ପରେ ଅପରାହ୍ନରେ ଶୀତ ଅନୁଭବ କରିଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ କାମନା ଘର ନିକଟରେ ଏକ କାଠ ଗଣ୍ଡିରେ ନିଆଁ ଲଗାଇଥିଲେ। ମହିଳା ଜଣଙ୍କ ନିଆଁ ପାଖରେ ବସିଥିଲେ। ଆକସ୍ମିକ ଭାବେ ସେ ନିଆଁରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ବୁଧବାର ବିଳମ୍ବିତ ରାତିରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୧ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଷ ପାନକରି ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୦ା୧

ବିଷ ପାନ କରି ଗୁରୁତର ହୋଇଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ଛତ୍ରପୁରର ଟି. ଭେଙ୍କେଟରମଣାଙ୍କ ସ୍ତ୍ରୀ ଟି.ସନ୍ଧ୍ୟା (୩୦)। ମେଡିକାଲ ଫାଣ୍ଡି ପୋଲିସ ଗୁରୁବାର ମୃତଦେହ ଜବତ କରି ନଂ.୪୯/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୌଣସି ଏକ ଘରୋଇ କଳିକୁ କେନ୍ଦ୍ରକରି ମହିଳା ଜଣକ ବୁଧବାର ପୂର୍ବାହ୍ନରେ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଭିନ୍ନ ସ୍ଥାନରେ ପୂଜା ପାଇଲେ ବିଦ୍ୟାଦାତ୍ରୀ

ବ୍ରହ୍ମପୁର ଅଫିସ,୩୦ା୧: ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଗୁରୁବାର ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁମାନଙ୍କ ଖଡିଛୁଆଁ ସହ ମା'ଙ୍କ ପୂଜା ହୋଇଥିଲା। ସେହିପରି ଭି.ଭି. ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ଶହୀଦ ଲକ୍ଷ୍ମଣ ନାୟକ ପୌର ଉଚ୍ଚ ବିଦ୍ୟାଳୟ, ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ,ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଏସ୍‌ଏମ୍‌ଆଇଟି ଗଣଯୋଗାଯୋଗ ବିଭାଗ, ବାସୁଦେବ ନଗର ଓ ରାମହରି ନଗର ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ସମସ୍ତ ଶିକ୍ଷାନୁଷ୍ଠାନରେ ମା'ଙ୍କ ପୂଜା କରାଯାଇଥିଲା।


ତୁଳସୀନଗରର ଗାୟତ୍ରୀ ମନ୍ଦିରରେ ଛୋଟ ଶିଶୁମାନଙ୍କୁ ଖଡିଛୁଆଁ ଯାଉଛି।

# ଜାତୀୟ ରାଜପଥ କଡ଼ରେ ଲୋକଙ୍କ ପୂଜାର୍ଚ୍ଚନା

ବ୍ରହ୍ମପୁର ଅଫିସ,୩୦ା୧

ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାର କମାଇବା ପାଇଁ ସରକାର ଅନେକ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଏପରିକି ଦ୍ରୁତ ଗାଡି ଚାଳକଙ୍କୁ ସାବାଡ଼ କରିବା ପାଇଁ ଟ୍ରାଫିକ ନିୟମକୁ କଡାକଡି କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ ସଡକ ଦୁର୍ଘଟଣାରେ ଲୋକଙ୍କ ଧନଜୀବନ ଚାଲିଯାଉଛି। ଗତ ୨୫ ତାରିଖ ମଧ୍ୟରେ ବ୍ରହ୍ମପୁର ଦେଇ ଯାଇଥିବା ଜାତୀୟ ରାଜପଥ ନଂ.୧୬ ହଳଦିଆପଦର ଓଭରବ୍ରିଜ ଏଣ୍ଟ୍ରି ପଏଣ୍ଟଠାରୁ ଲାଞ୍ଜିପଲ୍ଲୀ ଓଭରବ୍ରିଜ ଏଣ୍ଟ୍ରି ପଏଣ୍ଟ ମଧ୍ୟରେ ୨ ମହିଳା ଓ ୪ ଜଣ ଯୁବକଙ୍କ ଜୀବନ ଦୁର୍ଘଟଣାରେ ଯାଇଛି। ସେହି ଜାତୀୟ ରାଜପଥ ଏବେ ଭଗବାନ ଭରସା ବୋଲି ଲୋକେ କହୁଛନ୍ତି। ଏହି ଆଶା ନେଇ ହଳଦିଆପଦର ଓ ଆଖପାଖ ଅଞ୍ଚଳର କେତେକ ଧର୍ମୀୟ ବିଶ୍ୱାସ ଲୋକ, ଜାତୀୟ ରାଜପଥ ଦେଇ ପ୍ରାତଃ ଭ୍ରମଣ କରୁଥିବା ଅବସରପ୍ରାପ୍ତ ଓ ବରିଷ୍ଠ ନାଗରିକ ଏଠାରେ ଘଟୁଥିବା ଦୁର୍ଘଟଣା ରୋକିବାକୁ ଏକ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ସେମାନେ ବୁଧବାର ଓଭରବ୍ରିଜ ନିକଟରେ ମା'ଦୁର୍ଗାଙ୍କ ଫଟୋ ରଖି ପୂଜାର୍ଚ୍ଚନା କରିଥିଲେ। ଏପରିକି ଏଠାରେ ଆଉ ଦୁର୍ଘଟଣା ନ ଘଟିବା ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅଚ୍ୟୁତାନନ୍ଦ ପାଣିଗ୍ରାହୀ, ପ୍ରବୀଣ ରାଓ, ବାଳକୃଷ୍ଣ ସାହୁ, ରାଧାକାନ୍ତ ଶତପଥୀଙ୍କ ସମେତ କେତେକ ଯୁବକ ଏହି ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଗତ ୩ ତାରିଖରେ ହଳଦିଆପଦର ଓଭିରବ୍ରିଜ ପଏଣ୍ଟରେ ଟ୍ରକ୍ ଧକ୍କାରେ ରୀତା କୁମାରୀ ହୋତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ମହେନ୍ଦ୍ର ହୋତା ଗୁରୁତର ହୋଇଥିଲେ। ସେହିପରି ୯ ତାରିଖରେ ଖଜୁରିଆ ବାଇପାସ୍‌ରେ ମଧ୍ୟ ଟ୍ରକ ଧକ୍କାରେ ପପୁନ ପାଢ଼ୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ହୋଇଥିବା ତାଙ୍କ ସାଙ୍ଗ ପ୍ରଶାନ୍ତ ସାହୁଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦ ତାରିଖରେ କଟକ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୫ ତାରିଖରେ ଖଜୁରିଆ ବାଇପାସ୍‌ରେ ଟ୍ରକ ଧକ୍କାରେ ଶିବ ଶଙ୍କର ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଶାଳକ ଶିବ ପାତ୍ର ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଗତ ୨୪ ତାରିଖରେ ଲାଞ୍ଜିପଲ୍ଲୀ ବାଇପାସ ନିକଟରେ ଟ୍ରକ୍ ଧକ୍କାରେ ଚିନ୍ମୟ ଦାସଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ପ୍ରୀତି ସୋମୟ ଦାସ ଗୁରୁତର ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ଗତ ୨୮ ତାରିଖରେ ହଳଦିଆପଦର ଓ ଲାଞ୍ଜିପଲ୍ଲୀ ଓଭରବ୍ରିଜ ନିକଟରେ ଏକ ଟ୍ରକ୍ ଧକ୍କାରେ ନନ୍ଦିନୀ ଗୌଡ଼ଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ବାପା କୈଳାସ ଗୌଡ଼ ଗୁରୁତର ଆହତ ହୋଇଥିଲେ।


ପୂଜାର୍ଚ୍ଚନା କରାଯାଉଛି।

**ଦୁର୍ଘଟଣା ରୋକିବା ପାଇଁ ନୂଆ ପ୍ରୟାସ**

## ସଂକ୍ଷେପରେ

### କାଠ ଜବତ, ଜଣେ ଗିରଫ



ଭଞ୍ଜନଗର,୩୦।୧(ଡି.ଏନ.ଏ.): ଭଞ୍ଜନଗର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ କାଳିଆମ୍ବା ସଂରକ୍ଷିତ ଜଙ୍ଗଲରୁ ବୁଧବାର କାଠସହ ଏକ ସାଇକେଲ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ହସନାପଲ୍ଲୀର ମଙ୍ଗୁଲୁ ନାୟକ। ବନ ବିଭାଗ କର୍ମଚାରୀ କୈଣସି ସୂତ୍ରରୁ ଏହି ଖବର ପାଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଶାଲୁଆପଲ୍ଲୀ ବନପାଳ ଶରତ ମହାନ୍ତି, ବନରକ୍ଷୀ ସନ୍ତୋଷ କୁମାର ପ୍ରଧାନ, ସୁନିଲ ସ୍ୱାଇଁ ପ୍ରମୁଖ ଚଢ଼ାଉର ନେତୃତ୍ୱ ନେଇଥିଲେ।

### ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜ ମହାସଭା

କନିଷି,୩୦।୧(ଡି.ଏନ.ଏ.): ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ୫୬ଖଣ୍ଡ ଗ୍ରାମକୁ ନେଇ କନିଷି ହାଟସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଉତ୍କଳ ଅଗ୍ନିକୁଳ କ୍ଷତ୍ରିୟ ସମାଜର ସଭାପତି ଏନ୍. ନାଗରାଜୁ, ସମ୍ପାଦକ ଟି.ମୋହନ ରାଓ, ଉପସଭାପତି ଡି. ଫକୀର, ଟି.ପୁରୁଷୋତ୍ତମ, ଏସ୍.କୃପାକର ରାଓ, ଟି.ଆପ୍ପାୟା, ଏମ୍.ବାସୁଦେବ, ଟି.ବୈରାଗୀ, ଏସ.ଲଛମାୟା, ଏ.କ୍ରିଷ୍ଣାରାଓ, ଏ.ପଦ୍ମନାଭ, ଏମ.ଆନନ୍ଦ ରାଓ ପ୍ରମୁଖ ଶତାଧିକ ଭଦ୍ରବ୍ୟକ୍ତି ୫୬ ଖଣ୍ଡ ଗାଁର ନାଇଡୁ ଓ ମଣ୍ଡଳାଧିପତିମାନେ ଉପସ୍ଥିତ ଥିଲେ। ଏହି ସଭାରେ ସମାଜର ଉନ୍ନତି ସକାଶେ ପ୍ରତିବର୍ଷର ହିସାବ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର

ବେଗୁନିଆପଡ଼ା,୩୦।୧(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ ଜନତା ନୋଡ଼ାଲ ହାଇସ୍କୁଲ ପରିସରରେ ମଙ୍ଗଳବାର ଏକ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୩୭ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଥିବା ବେଳେ ୩୨ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ବ୍ରହ୍ମପୁର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ହେଲ୍‌ଥ ଇନ୍‌ଚାର୍ଜ ନରସିଂହ ସାହୁ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ବିଦ୍ୟାଳୟ ବୁଲି ଦେଖିବା ସହିତ ପ୍ରଧାନ ଶିକ୍ଷକ କେ.ଭୀମ ରାଜୁ ପାତ୍ର ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବିଧାୟିକା ସୁବିଧା ଅସୁବିଧା ପଚାରି ବୁଝିଥିଲେ।

### ଲାୟନ୍ସ କ୍ଲବ ପକ୍ଷରୁ ସିଏଏ, ଏନ୍‌ଆର୍‌ସି ବିତର୍କ

କବିସୂର୍ଯ୍ୟନଗର,୩୦।୧: କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ପକ୍ଷରୁ ସିଏଏ, ଏନ୍‌ଆର୍‌ସି ଉପରେ ଗୋପବନ୍ଧୁ ଶିକ୍ଷ ତାଲିମ କେନ୍ଦ୍ର ଅଡିଟୋରିୟମ ହଲରେ ବିତର୍କ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟଙ୍କ ମଧ୍ୟରେ ଲାୟନ ଡ. ଭାଗୀରଥି ଶତପଥୀ, ଆଡଭୋକେଟ ସୁକୁମାର ମାଝୀ, ଲାୟନ ସୁପ୍ରଭା ଶତପଥୀ ଓ ସିନ୍ଦୁରିଆପଡ଼ା ଜିଆଇଟିସି ଅଧକ୍ଷ ତଥା ଲାୟନ୍ସ କ୍ଲବ ସଭାପତି ଇଂ. ଦିଲୀପ କୁମାର ଖଣ୍ଡୁଆଳ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ପ୍ରଭୁଦତ୍ତ ସାମନ୍ତରାୟ ଯୋଗଦେଇ ଥିଲେ।

### ସ୍ୱଚ୍ଛ ସର୍ବେକ୍ଷଣ ସଚେତନତା କାର୍ଯ୍ୟକ୍ରମ

ଜି.ଉଦୟଗିରି,୩୦।୧(ଡି.ଏନ.ଏ.): ଜି.ଉଦୟଗିରି ଏନଏସି ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ସଚେତନତା କାର୍ଯ୍ୟକ୍ରମ ୱାର୍ଡ ନଂ.୧ ଓ ୨ରେ ବୁଧବାର ଆରମ୍ଭ ହୋଇଛି। ୧ ନଂ. ୱାର୍ଡର ପଦାସାହି ଓ ଦୁଗୁଡ଼ି, ୨ନଂ ୱାର୍ଡର ଶଙ୍ଖସାହି, ଚୂଆସାହି, ମହାଗୁଣସାହି ଆଦି ସ୍ଥାନରେ ଏନ୍‌ଏସି କର୍ମଚାରୀଙ୍କ ସହିତ ସ୍ୱଚ୍ଛ ସାଥୀମାନେ ଲୋକଙ୍କୁ ପଲିଥିନ ବ୍ୟବହାର ବନ୍ଦ କରିବା, ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି କର୍ମଚାରୀ ସତୀ ପ୍ରକାଶ ମହାପାତ୍ର, ଗଣେଶ ଜେନା, ନରୋତ୍ତମ ସାହୁ, ସରିତା ରଥ, ବୀରେନ ବିଷୋୟୀ, ସ୍ୱଚ୍ଛ ସାଥୀ ସୁପରଭାଇଜର ବିଜୟଲକ୍ଷ୍ମୀ ପଣ୍ଡା, ସ୍ୱଚ୍ଛସାଥୀ ପୁଷ୍ପାଞ୍ଜଳି ଦାଶ, ନାରାୟଣୀ ପ୍ରଧାନଙ୍କ ସମେତ ଏନ୍‌ଏସି ସଫେଇ କର୍ମଚାରୀମାନେ ସାମିଲ ହୋଇଥିଲେ।

# 'ଭଞ୍ଜଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟକ'

ଭଞ୍ଜନଗର,୩୦।୧(ଡି.ଏନ.ଏ.)

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜଣେ ବିଶ୍ୱ ପ୍ରସିଦ୍ଧ କବି। ତାଙ୍କ ସମ୍ପର୍କରେ ଯେଉଁଭଳି ପ୍ରଚାର ଓ ପ୍ରସାର ହେବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଉପେନ୍ଦ୍ର ଭଞ୍ଜଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ଗୁରୁବାର ଶ୍ରୀପଞ୍ଚମୀରେ କବିସମ୍ରାଟଙ୍କ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମମାଟି ଭଞ୍ଜନଗର ନିକଟସ୍ଥ କୁଳାଡ଼ରେ। ତେଣୁ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଭଞ୍ଜ ଜୟନ୍ତୀ ପାଳନ ହୋଇ ଯାଇଛି। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଭଞ୍ଜ ରାଜବଂଶ ଇତିହାସ ସମ୍ପର୍କରେ କହିଥିଲେ। ଏନ୍‌ଏସି ପ୍ରଶାସନ ଓ ପଣ୍ଡିତ ଶ୍ରୀଧର ରଥ ଡିଏଭି ସ୍କୁଲର ମିଳିତ ସହଯୋଗରେ ଷ୍ଟେଟବ୍ୟାଙ୍କ ଛକରେ ସଭା ହୋଇଥିଲା। ପ୍ରଥମେ ଅତିଥିମାନେ ସେଠାରେ ଥିବା ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶୂଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତ୍ତିବାସ ବିଶ୍ୱାଳ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ




ଷ୍ଟେଟବ୍ୟାଙ୍କ ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

**କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ**

ଅନୁପମ ବାନାର୍ଜି, ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେଠାରେ ଡିଏଭି ସ୍କୁଲ ପକ୍ଷରୁ ହୋମଯଜ୍ଞ ହୋଇଥିଲା। ପ୍ରଶାସନ ପକ୍ଷରୁ ଉତ୍ସବ ପାଳନ ହେଉଥିଲେ ମଧ ଅଧିକାରୀମାନେ ଉପସ୍ଥିତ ନ ଥିଲେ। ସେହିପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଭଞ୍ଜ ଜୟନ୍ତୀ ପାଳନ କରାଯାଇଥିଲା। ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର ସଭା ସଂଯୋଜନା କରିଥିଲେ। ଅଧକ୍ଷ ଡ.ନୀଳାଞ୍ଚଳ ମୁନି, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ବଟୁକେଶ୍ୱର ବାରିକ, ଅଧ୍ୟାପକ ଦାମୋଦର ଷଡ଼ଙ୍ଗୀ, ପ୍ରଶାସନିକ ଅଧିକାରୀ ଡ.ସୁବାସ ଚନ୍ଦ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଛାତ୍ର ସଂସଦ ସଭାପତି ଅମିୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ । ଭଞ୍ଜ ସାହିତ୍ୟ ପରିଷଦରେ ମଧ ସନ୍ଧ୍ୟାରେ ଭଞ୍ଜ ଜୟନ୍ତୀ ପାଳିତ ହୋଇଯାଇଛି । ଦୂରଦର୍ଶନ କେନ୍ଦ୍ରର ପ୍ରାକ୍ତନ କାର୍ଯ୍ୟକ୍ରମ ମୁଖ୍ୟ ନୀଳାଦ୍ରି ମୋହନ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଲେଖକ ସୁରେଶ ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଲେଖକ ବଳରାମ ସ୍ୱାଇଁ, ଅବସରପ୍ରାପ୍ତ ରେଞ୍ଜର ସରୋଜ କୁମାର ନନ୍ଦ ସମ୍ମାନିତ ଅତିଥି ଓ ବିଶିଷ୍ଟ ଭଞ୍ଜ ଗବେଷକ ଡ.କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ଗୁରୁମୂର୍ତ୍ତି ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ତ୍ତିକ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭଞ୍ଜ ସଙ୍ଗୀତ ପରିବେଷଣ ହୋଇଥିଲା । ଭଞ୍ଜ ସାହିତ୍ୟ ପରିଷଦରେ ୩ ଦିନ ଧରି ଜୟନ୍ତୀ ଉତ୍ସବ ପାଳନ ହେବ । ଭଞ୍ଜ ସାହିତ୍ୟ ପରିଷଦ ଗଠନ ହେବାଠାରୁ ଏ ପର୍ଯ୍ୟନ୍ତ ୭୫ବର୍ଷ ହେବ ଭଞ୍ଜ ଜୟନ୍ତୀ ପାଳିତ ହୋଇଆସୁଛି ।

# ମହାନଦୀ, ଶାଳିଆରୁ ଗଞ୍ଜାମକୁ ଆସିବ ପାଣି

ଛତ୍ରପୁର,୩୦।୧(ଡି.ଏନ୍.ଏ.)

ନୟାଗଡ ଜିଲା ଦେଇ ଯାଇଥିବା ମହାନଦୀ ଓ ଖୋର୍ଦ୍ଧା ଜିଲା ଦେଇ ଯାଇଥିବା ଶାଳିଆ ଡ୍ୟାମ୍‌ରୁ ଗଞ୍ଜାମ ଜିଲାକୁ ପାଣି ଅଣାଯିବ। ଏନେଇ ୨ଟି ମେଗା ଜଳ ଯୋଗାଣ ପ୍ରସ୍ତାବ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପଠାଯାଇଛି। ଏହି ୨ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପାଣିର ଅଭାବ ଥିବା ଗଞ୍ଜାମ ଜିଲାର ଗ୍ରାମାଞ୍ଚଳକୁ ପାଣି ଯୋଗାଣ ହୋଇପାରିବ ଏବଂ ସମସ୍ୟା ସମାଧାନ ହେବ ବୋଲି କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନୟାଗଡ ଜିଲାର ଦଶପଲ୍ଲା ନିକଟ ମହାନଦୀରୁ ଗଞ୍ଜାମ ଜିଲାକୁ ପାଇପ୍ ଯୋଗେ ପାଣି ଅଣାଯିବ। ଉକ୍ତ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ଜିଲାର ୭ଟି ବ୍ଲକ ଭଞ୍ଜନଗର, ବେଲଗୁଣ୍ଠା, ଆସିକା, ସୋରଡା, କବିସୂର୍ଯ୍ୟନଗର, ଜଗନ୍ନାଥପ୍ରସାଦ ଓ ପୋଲସରା ଗ୍ରାମାଞ୍ଚଳକୁ ପାଇପ୍ ଯୋଗେ ପାଣି ଯୋଗାଣ ହେବ। ୪୩ କି.ମି. ପାଇପ୍ ବିଛାଯାଇ ଦୈନିକ ୫୯୦ ଏମ୍‌ଏଲ୍‌ଡି ପାଣି ଯୋଗାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହାଦ୍ୱାରା ଉକ୍ତ ୭ ବ୍ଲକର ୪ଲକ୍ଷ ୯୬ହଜାର ଲୋକେ ଉପକୃତ ହୋଇପାରିବେ। ସେହିପରି ଗଞ୍ଜାମ ଜିଲାର ସୀମାନ୍ତ ଅଙ୍ଗାରଗାଁ ନିକଟରେ ଥିବା ଶାଳିଆ ଡ୍ୟାମ୍‌ରୁ ପାଣି ଆଣିବା ପାଇଁ ମେଗା ପ୍ରକଳ୍ପ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପରୁ ଜିଲାର ଖଲ୍ଲିକୋଟ, ବେଗୁନିଆପଡା ଓ ପୁରୁଷୋତ୍ତମପୁର ବ୍ଲକକୁ ପାଇପ୍ ଯୋଗେ ଜଳ ଯୋଗାଣ ହେବାକୁ ସ୍ଥିର ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୩ ଲକ୍ଷ ୨୨ ହଜାର ଲୋକେ ଉପକୃତ ହେବେ। ଦୈନିକ ଉକ୍ତ ପ୍ରକଳ୍ପରୁ ୩୮.୩୧ ଏମ୍‌ଏଲ୍‌ଡି ପାଣି ଯୋଗାଣ ହେବ ବୋଲି ସୂଚନା ଦିଆଯାଇଛି। ଆହୁରି ଜଣାଯାଇଛି ଯେ ରଷିକୁଲ୍ୟାର କଂସାରୀଗଣ୍ଡରୁ ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକର ଗ୍ରାମାଞ୍ଚଳକୁ ମଧ ପାଣି ଯୋଗାଣ ପାଇଁ ମେଗା ପ୍ରକଳ୍ପ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପରୁ ଦୈନିକ ୨୨ ଏମ୍‌ଏଲ୍‌ଡି ପାଣି ଯୋଗାଣ ହେବାକୁ ଥିବାବେଳେ ୨ ଲକ୍ଷ ଲୋକେ ଉପକୃତ ହେବେ ବୋଲି କୁହାଯାଇଛି।

# କୁଷ୍ଠ ନିରାକରଣ ଦିବସ ପାଳିତ




ସଚେତନତା ରାଲି ସହର ପରିକ୍ରମା କରୁଛି।

ଫୁଲବାଣୀ ଅଫିସ, ୩୦।୧

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ଜିଏନ୍‌ଏମ୍ କଲେଜ ପରିସରରୁ ବାହାରିଥିଲା। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଏନ୍‌ଏମ୍ ଏବଂ ଏଏନ୍‌ଏମ୍ ଛାତ୍ରୀ ସହର ପରିକ୍ରମା କରି କୁଷ୍ଠରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହାପରେ ଜିଏନ୍‌ଏମ୍ କଲେଜ କନଫରେନ୍ସ ହଲ୍‌ରେ ସଭା ଆୟୋଜନ ହୋଇଥିଲା। ପ୍ରଥମେ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପଟ୍ଟନାୟକ ଅଧକ୍ଷତା କରି ଗାନ୍ଧିଜୀ ଅସ୍ପୃଶ୍ୟତାକୁ ଘୃଣା କରୁଥିଲେ, ସମସ୍ତଙ୍କୁ ଭଲ ପାଇବା ପାଇଁ କହୁଥିଲେ। ଦିନ ଥିଲା କୁଷ୍ଠ ଆକ୍ରାନ୍ତଙ୍କୁ ସମାଜରୁ ବାଛନ୍ଦ କରାଯାଉଥିଲା। ସେ ସମୟ ଆଉ ନାହିଁ। କୁଷ୍ଠ ରୋଗ ଭଲ ହୋଇପାରୁଛି। ସରକାର ଏଥିପାଇଁ ମାଗଣା ଚିକିତ୍ସା ସେବା ସହ ଔଷଧ ଯୋଗାଇ ଦେଉଛନ୍ତି। ସେହିପରି ସେମାନଙ୍କୁ ଅନ୍ୟାନ୍ୟ ସୁବିଧା ଯଥା ଭତ୍ତା, ଚାଉଳ ଆଦି ମିଳୁଛି। ରୋଗୀଙ୍କୁ ଘୃଣା ନ କରି ସେ କିପରି ମେଡିକାଲ ଯାଇ ଭଲ ହୋଇପାରିବେ ସେଥିପାଇଁ ଆମେ ଚେଷ୍ଟା ଜାରି ରଖିବା ଉଚିତ ବୋଲି କହିଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଡିକାଲ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଚିଠିପରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ସୋରଡ଼ା,୩୦।୧(ଡି.ଏନ.ଏ.)

**ଆସନ ବାବଦକୁ ଦାବି ହୋଇଥିଲା ଅର୍ଥ**

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କ ନିୟମଭିତ୍ତିକ ନିର୍ଦ୍ଦେଶ ଯୋଗୁ ୩ଟି ସ୍ନାତକ ମହାବିଦ୍ୟାଳୟର ୩୧୬ ଛାତ୍ରୀଛାତ୍ର ଯୁକ୍ତ ୩ ପ୍ରଥମ ବର୍ଷ ସେମିଷ୍ଟାର ପରୀକ୍ଷା ଦେଇଛନ୍ତି। ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଏବଂ ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋଟିଏ ପରିସରରେ ଥିବାରୁ ବିଭିନ୍ନ ସମୟରେ ପରିସର ଗୃହଗୁଡ଼ିକୁ ବ୍ୟବହାର ପାଇଁ ବାଦବିବାଦ ଲାଗି ରହିଛି। ଚଳିତ ପ୍ରଥମ ସେମିଷ୍ଟାର ପରୀକ୍ଷା ପାଇଁ ରଷିକୁଲ୍ୟା ସ୍ନାତନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ନିକଟ କେଶବ ପଣ୍ଡା ସ୍ନାତକ ମହିଳା ମହାବିଦ୍ୟାଳୟର ୮୬ ଓ ବଡ଼ଗଡ଼ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ୪୧ ଚାତ୍ରୀଛାତ୍ର ଟେଗ୍ ହୋଇଥିଲେ। ତେବେ ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷ ବଡ଼ଗଡ଼ର ୪୧ ଛାତ୍ରୀଛାତ୍ରମାନଙ୍କୁ ଏଠାରେ ପରୀକ୍ଷା ଦେଲେ ମୁଣ୍ଡପିଛା ୫୦ ଟଙ୍କା ଦେବାକୁ ଚିଠି ଯୋଗେ ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟକୁ ଚିଠି ନଂ. ୧୪/୧୭.୧.୨୦୨୦ରେ ଜଣାଇଥିଲେ। ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଏନେଇ ଥିବା ନିୟମ ଜାଣିବାକୁ ଚିଠି ନଂ.୧୮/୨୦, ୧୭.୧.୨୦ରେ ପରୀକ୍ଷା ନିୟନ୍ତ୍ରକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଜଣାଇଥିଲେ। ତେବେ ଆଞ୍ଚଳିକ ନିର୍ଦ୍ଦେଶକ ଚିଠି ନଂ.୧୯୦/୧୭.୧.୨୦ରେ ସ୍ପଷ୍ଟ ଭାବେ ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଏପରି କୌଣସି ବ୍ୟବସ୍ଥା ନ ଥିବା ଏବଂ ପରୀକ୍ଷା ନିୟନ୍ତ୍ରକ ମନା କରିଥିବା ଓ ସ୍ନାତକ ମହାବିଦ୍ୟାଳୟ ସୁପରିଟେଣ୍ଡେଣ୍ଟଙ୍କୁ ସହଯୋଗ କରିବାକୁ କହିଥିଲେ। ସୂଚନାଯୋଗ୍ୟ, ଗୋଟିଏ ପରିସର ମଧ୍ୟରେ ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଥିବାରୁ ବିଭିନ୍ନ କାର୍ଯ୍ୟକ୍ରମରେ ବାଦବିବାଦ, ଚିଠି ଦିଆନିଆ ଚାଲୁଛି।

## ଫୁଲବାଣୀରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି

ଫୁଲବାଣୀ ଅଫିସ,୩୦।୧

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ୩ ଦିନିଆ କନ୍ଧମାଳ ଗସ୍ତରେ ଆସି ଗୁରୁବାର ଫୁଲବାଣୀରେ ପହଞ୍ଚିଛନ୍ତି। ଅପରାହ୍ନ ପ୍ରାୟ ୧ଟାବେଳେ ଫୁଲବାଣୀ ସର୍କିଟ୍ ହାଉସ୍‌ରେ ପହଞ୍ଚିବାପରେ ସେଠାରେ ଜିଲାପାଳ ଡା. ବୃନ୍ଦା ଡି, ଏସ୍‌ପି ପ୍ରତୀକ ସିଂ, ଜିଲା କୋର୍ଟର ସମସ୍ତ ଜଜ୍‌ଙ୍କ ସମେତ ବାର ଆସୋସିଏଶନ ସଦସ୍ୟମାନେ ସ୍ୱାଗତ କରିଥିଲେ। ଜଷ୍ଟିସ୍ ପଣ୍ଡା କିଛିସମୟ ସର୍କିଟ୍ ହାଉସରେ ବିଶ୍ରାମ ନେବାପରେ ଦାରିଙ୍ଗିବାଡି ଯାଇଛନ୍ତି। ସେ କନ୍ଧମାଳ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

# ଦୂତିପଡ଼ା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ବୈଠକ



ବୈଠକରେ ଯୋଗଦେଇଥିବା ସଭ୍ୟମାନେ।

ଖଜୁରିପଡ଼ା/ବଲସକୁମ୍ପା, ୩୦।୧(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଲ୍ୟାମ୍ପ୍ସର ସାଧାରଣ ବାର୍ଷିକ ବୈଠକ ସମ୍ପେପଦର ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସେସ୍ ପରିଚାଳକ ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ୯ଟି ଗ୍ରାମପଞ୍ଚାୟତର ସଭ୍ୟମାନେ ଯୋଗ ଦେଇଥିଲେ। ଏଥିରେ ଆର୍ଥିକ ବର୍ଷ ୨୦୧୭-୧୮ ଓ ୨୦୧୮-୧୯ ଏବଂ ୨୦୧୯-୨୦ର ଆୟବ୍ୟୟ ଉପରେ ଆଲୋଚନା କରାଯାଇଥିଲା ଏବଂ ବଜେଟ ପ୍ରସ୍ତୁତ ହୋଇଥିଲା। ଯେଭଳି ଲ୍ୟାମ୍ପସେସ ଜନସାଧାରଣଙ୍କୁ ଭଲ ଭାବେ ବିହନ, ସାର ଓ କୃଷି ଜାତୀୟ ସାମଗ୍ରୀ ଯୋଗାଇବା ସହିତ ଲୋକଙ୍କୁ ଉଚିତ ବ୍ୟବହାର ଓ ସେବା ଯୋଗାଇବ ସେ ନେଇ ସମୀକ୍ଷା ଓ ଆଲୋଚନା ହୋଇଥିଲା। ଲ୍ୟାମ୍ପସେସର ସଭାପତି ହେମନ୍ତ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ସଭ୍ୟ ମତାମତ ଦେଇଥିଲେ ଯେ ଶାଖା ଲ୍ୟାମ୍ପ୍ସଗୁଡ଼ିକ ନିୟମିତ ଭାବେ ଖୋଲାଯାଉ ଓ ସେହି ଅଞ୍ଚଳରେ ଜନସାଧାରଣ ସରକାରୀ ସହାୟତା ପାଇପାରିବେ ଓ ଲ୍ୟାମ୍ପସେସ ଭଲ ବ୍ୟବସାୟ କରିପାରିବ ସେ ଦିଗରେ ଦୃଷ୍ଟି ଦେବା ଉଚିତ। ପରେ ଲ୍ୟାମ୍ପସେସ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଓ ସଭ୍ୟମାନଙ୍କ ମତାମତ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ।

## ଓଡ଼ିଆ ବିଭାଗର ଆଲୋଚନାଚକ୍ର

ଫୁଲବାଣୀ ଅଫିସ, ୩୦।୧

ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ପକ୍ଷରୁ 'ଆଧୁନିକ ଓଡିଆ କବିତାରେ ଲୋକ ସଂସ୍କୃତି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ମଧୁସ୍ମିତା ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ରଞ୍ଜନ କୁମାର ମହାଲିକ ମୁଖ୍ୟଅତିଥି, ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ପ୍ରାଧ୍ୟାପକ ନଳିନୀ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଆ କବିତା ସହ ଓଡିଶାର ଲୋକ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ସୁଦର୍ଶନ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସଦାନନ୍ଦ ଦତ ଧନ୍ୟବାଦ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ମନୋଜ ମଲ୍ଲିକ, ମନୋରଞ୍ଜନ କହଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଧାରାଣୀ ପାଣି ପଞ୍ଚାୟତକୁ ଶ୍ରେଷ୍ଠ ପୁରସ୍କାର

ପୁରୁଷୋତ୍ତମପୁର,୩୦।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଭୀମପୁର ପଞ୍ଚାୟତ ଚାଟମୁଣ୍ଡୁଳି ଗ୍ରାମର ରାଧାରାଣୀ ପାଣିପଞ୍ଚାୟତକୁ ରାଜ୍ୟ ସରକାରଙ୍କ ଉଠା ଜଳ ସେଚନ ବିଭାଗ ପକ୍ଷରୁ ଶ୍ରେଷ୍ଠ ପାଣିପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଶୁକ୍ରବାର ଭୁବନେଶ୍ୱର ଓୟୁଏଟିର ସ୍ୱାମୀନାଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ପାଣି ପଞ୍ଚାୟତର ସଭାପତି ଆଇନଜୀବୀ ମନୋଜ କୁମାର ପଟ୍ଟନାୟକଙ୍କୁ ମାନପତ୍ର, ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ସମଗ୍ର ରାଜ୍ୟର ଉଠା ଜଳସେଚନ ବିଭାଗ ପକ୍ଷରୁ ୧୦ ପାଣି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମ ଜିଲାର ଏକମାତ୍ର ରାଧାରାଣୀ ପାଣିପଞ୍ଚାୟତ ପୁରସ୍କୃତ ହୋଇଛି। ସୂଚନାଯୋଗ୍ୟ ଯେ, ଚାଷୀଙ୍କ କ୍ଷେତକୁ ପାଣି ଯୋଗାଣ ନିମନ୍ତେ ଉଠା ଜଳସେଚନ ବିଭାଗ ପକ୍ଷରୁ ଚାଟମୁଣ୍ଡୁଳି ଗ୍ରାମରେ ନିର୍ମାଣ କରାଯାଇଥିବା ବୋର୍‌ୱେଲକୁ ରାଧାରାଣୀ ପାଣିପଞ୍ଚାୟତକୁ ନ୍ୟସ୍ତ କରାଯାଇଥିଲା। କର୍ମକର୍ତ୍ତା ସୁଚାରୁରୂପେ ପରିଚାଳନା କରି ପ୍ରାୟ ୮୦ଜଣ ଚାଷୀଙ୍କ ୧୨ ହେକ୍ଟର ଜମିକୁ ଏଥିରୁ ଜଳଯୋଗାଣ କରୁଛନ୍ତି।

# ଯୁବ କଂଗ୍ରେସ ପକ୍ଷରୁ ଗାନ୍ଧୀଙ୍କ ତିରୋଧାନ ଦିବସ

ଫୁଲବାଣୀ ଅଫିସ, ୩୦।୧

ଜିଲା କଂଗ୍ରେସ ପକ୍ଷରୁ ଫୁଲବାଣୀରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସେଠାରେ ଏକ ସଭା ହୋଇଥିଲା। ଯୁବ କଂଗ୍ରେସ ସଭାପତି ନନ୍ଦ କିଶୋର ଦାସ ଏଥିରେ ଅଧକ୍ଷତା କରି ଦେଶକୁ ସ୍ୱାଧୀନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗାନ୍ଧୀଙ୍କୁ ହତ୍ୟା କରାଗଲା। ତାଙ୍କ ସ୍ୱପ୍ନର ଭାରତ କେବଳ ସ୍ୱପ୍ନରେ ରହିଯାଇଛି। ପରେ ଗାନ୍ଧୀ ସ୍ମୃତି ଭବନ ଏବଂ ମେଡିକାଲ ଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଜୟ କୁମାର ମହାନ୍ତି, ଶିବଶଙ୍କର ବେହେରା, ଆଶିଷ କୁମାର ବେହେରା, ବଳଦେବ ବେହେରା, ବସନ୍ତ କୁମାର ପାଢ଼ୀ, ସାକିର ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଯୁବ ଛାତ୍ର କଂଗ୍ରେସର କର୍ମକର୍ତ୍ତା।

# ସିଦ୍ଧି ବିନାୟକ କ୍ରିକେଟ ଟୁର୍ନାମେଣ୍ଟ: କଂସାମାରୀ ଚାମ୍ପିୟନ

ଦିଗପହଣ୍ଡି,୩୦।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମ କମାପଡିଆଠାରେ ଦୀର୍ଘ ୧୨ ଦିନ ଧରି ଚାଲିଥିବା ସିଦ୍ଧିବିନାୟକ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସିଦ୍ଧି ବିନାୟକ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ବିଧାନସଭା ବାଚସ୍ପତି ତଥା ବିଧାୟକ ଡ.ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ଉପଧକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ଜିଲା ପରିଷଦ ସଭ୍ୟ କୃଷ୍ଣ ଚନ୍ଦ୍ର ସେଠୀ, ରାମକୃଷ୍ଣ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏଥିରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ସାନଖେମୁଣ୍ଡି ବ୍ଲକ କଂସାମାରୀ ଓ ସିନ୍ଦୂରପୁର ଗ୍ରାମ କ୍ରିକେଟ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଂସାମାରୀ ଟିମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ ହରାଇ ୧୨୨ ରନ କରିଥିଲା। ଜବାବରେ ସିନ୍ଦୁରପୁର ଦଳ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୧ ରନ କରି ପରାସ୍ତ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ବାଚସ୍ପତି ୮ ହଜାର ଅର୍ଥରାଶି ଏବଂ ପରାଜିତ ଦଳକୁ ବ୍ଲକ ଅଧକ୍ଷ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କଂସାମାରୀର ମିଥୁନ ଦୋରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ସିନ୍ଦୂରପୁରର ମାଜେଶ ମଣ୍ଡଳଙ୍କୁ ଟୁର୍ନାମେଣ୍ଟର ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା।



ମୁଖ୍ୟ ଅତିଥି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ଟ୍ରଫି ପ୍ରଦାନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଜାନୁୟାରୀ ୩୧/୨୦୨୦ Berhampur, Friday, January 31/ 2020

## ସଂକ୍ଷେପରେ

### ନାବାଳିକା ଗର୍ଭବତୀ, ଜଣେ ଅଟକ

ଗଞ୍ଜାମ,୩୦।୧(ଡି.ଏନ.ଏ.)
ରମ୍ଭା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ଷଷ୍ଠ ଶ୍ରେଣୀ ଛାତ୍ରୀ ବୋଲି ଜଣାପଡିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଗୁରୁବାର ଏ ନେଇ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

### ୧୨ ଫେରାର ଅଭିଯୁକ୍ତ ଗିରଫ

ଆସିକା,୩୦।୧(ଡି.ଏନ୍.ଏ.)
ଆସିକା ଥାନା ଇଲାକାରେ ବିଭିନ୍ନ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉନଥିବା ଅଭିଯୋଗରେ ପୋଲିସ ବୁଧବାର ରାତିରେ ୧୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମିଥୁନ୍ ମହାନ୍ତି, ସୁନିତା ମହାରଣା, ନାର୍ଶୁ ବିଶ୍ୱାଳ, ମିଟୁ ବେହେରା, ଅଚ୍ୟୁତ ଜେନା, ପ୍ରକାଶଚନ୍ଦ୍ର ମହାରଣା, ସନ୍ୟାସୀ ନାହାକ, ସୀମା ପାତ୍ର, ଆଉଲା ଦଣ୍ଡ, ତପନ ପଣ୍ଡା, ଗଣେଶ ପାତ୍ର। ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ବିଭିନ୍ନ ଫୌଜଦାରୀ ମାମଲାରେ ସମ୍ପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଯୋଗୁ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ଜାମିନବିହୀନ ଗିରଫ ପରୱାନା ବଳରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗତ ୪ଦିନ ମଧ୍ୟରେ ଆସିକା ପୋଲିସ ପକ୍ଷରୁ କରାଯାଇଥିବା ଧରପଗଡ ଅଭିଯାନରେ ଅଦ୍ୟାବଧି ୩୪ଜଣ ପୁରୁଷ ଓ ୫ଜଣ ମହିଳାଙ୍କ ସମେତ ସମୁଦାୟ ୩୯ଜଣ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମୋହନା,୩୦।୧(ଡି.ଏନ.ଏ.)- ମୋହନା ବ୍ଲକ ଚନ୍ଦ୍ରଗିରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଣୀ ଡ.ନମିତା ପଣ୍ଡା, ସମ୍ମାନିତ ଅତିଥି ରୂପେ ଚନ୍ଦ୍ରଗିରି ସରପଞ୍ଚ ନର୍ମଦା ଦଲାଇ ଓ ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟା ସ୍ନିଗ୍ଧାରାଣୀ ରଣସିଂହ ଯୋଗ ଦେଇଥିଲେ। ପଞ୍ଜୀକୃତ ୩୨୫ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୧୮୫ ଜଣଙ୍କୁ ପ୍ରମାଣପତ୍ର, ପରିଚୟପତ୍ର ଓ ଆବଶ୍ୟକ ଉପକରଣ ଯୋଗାଇ ଦେଇଥିଲେ।

### ଥାନାରେ ରକ୍ତଦାନ ଶିବିର

ଫୁଲବାଣୀ ଅଫିସ,୩୦।୧- ଫୁଲବାଣୀ ଟାଉନ ଥାନା ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏସ୍‌ପି ପ୍ରତିକ୍ ସିଂ ଉଦ୍‌ଘାନ କରିଥିଲେ। ଫୁଲବାଣୀ ରକ୍ତଭଣ୍ଡାର ଡାକ୍ତର ଜୟଦୀପ ଘୋଷ, କର୍ମଚାରୀ ଶରତ ଚନ୍ଦ୍ର ଭଞ୍ଜ, ଦେବସ୍ମିତା ରାଉତ, ଲକ୍ଷ୍ମୀଧର ମଣ୍ଡଳ, କେ. ଲୋକନାଥ ରାଜୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିବାବେଳେ ଫୁଲବାଣୀ ରକ୍ତଦାନ ସମିତି ସହ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଟିମ୍ ହ୍ୟୁମାନିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଶିବିରକୁ ଥାନାଧିକାରୀ ନରେଶ କୁମାର ସାହୁ ପରିଚାଳନା କରିଥିବା ବେଳେ। ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଡିଏସ୍‌ପି ରାଧାକୃଷ୍ଣ ପଟ୍ଟନାୟକ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ଆର୍‌ପିଏଫ୍‌ର ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର,୩୦।୧(ଡି.ଏନ.ଏ)-କନକା ଓ ସମଲ ଗାଁରେ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟ ପକ୍ଷରୁ ଜନସାଧାରଣଙ୍କୁ ଟ୍ରେନ୍ ଓ ଯାତ୍ରୀ ସୁରକ୍ଷା ନେଇ ସଚେତନ କରାଯାଇଛି। ଲୋକଙ୍କୁ ୧୮୨ ସୁରକ୍ଷା ହେଲ୍‌ପ ଲାଇନ୍ ନମ୍ବର ସମ୍ପର୍କରେ ଅବଗତ କରାଯାଇଥିଲା। ଟ୍ରେନ୍‌ରେ ଯାତ୍ରା ବେଳେ କୌଣସି ଦୁର୍ଘଟଣା ଆଶଙ୍କା ଥିଲେ ଉକ୍ତ ନମ୍ବରକୁ ଫୋନ୍ କଲେ ଆର୍‌ପିଏଫ୍ ତୁରନ୍ତ ଯାତ୍ରୀଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇଦେବ। ସେହିପରି ପିଲାମାନେ ଟ୍ରେନ୍ ଉପରକୁ ପଥର ନ ଫିଙ୍ଗିବାକୁ କୁହାଯାଇଥିଲା । ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟର ଏସ୍‌ଆଇ ଏଲ୍ ବି ସିଂଙ୍କ ସହ ତାଙ୍କ ଷ୍ଟାଫ୍‌ମାନେ ଲୋକଙ୍କୁ ସଚେତନ କରିଥିଲେ ।

# ରାସ୍ତା ନ ଥିବାରୁ ମିଳୁନି ଜରୁରିକାଳୀନ ସେବା

- ହୀନସ୍ତା ହେଉଛନ୍ତି ୫ ଦୁର୍ଗମ ଅଞ୍ଚଳବାସୀ
- ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବକୁ ଦାୟୀ କଲେ

ଖଜୁରିପଡ଼ା/ବଲସକୁମ୍ପା, ୩୦।୧(ଡି.ଏନ୍.ଏ.)
କନ୍ଧମାଳ ଜିଲାରେ ଏଭଳି କେତେକ ଗ୍ରାମ ଅଛି, ଯେଉଁଠିକୁ ରାସ୍ତା ନାହିଁ। ଫଳରେ ଅଞ୍ଚଳବାସୀ ଜରୁରିକାଳୀନ ସେବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଗ୍ରାମଗୁଡିକ ହେଲା ଖଜୁରିପଡ଼ା ବ୍ଲକ ଖଜୁରିପଡ଼ା ପଞ୍ଚାୟତର ଗଡ଼ପଦର, ପାବେରୀ, ପ୍ରଧାନପଡ଼ା ଓ ଦଳପଡ଼ା ପଞ୍ଚାୟତର କାଇଗଡ଼, ଧୁଙ୍ଗିଆମୁଣ୍ଡା। ଖଜୁରିପଡା ପଞ୍ଚାୟତ ଅଫିସଠାରୁ ମାତ୍ର ୨ ରୁ ୩ କିମି ଦୂରରେ ଏସବୁ ଗ୍ରାମ।

ଗଡପଦର-ଧୁଙ୍ଗିଆମୁଣ୍ଡା ରାସ୍ତା (ପ୍ରାୟ ୪ କିମି) ମଧ୍ୟରେ ପଡେ ଏହି ୫ ଗାଁ। ଗାଁଗୁଡିକରେ ୮୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ମାତ୍ର ମାଟି ରାସ୍ତା ଯୋଗୁ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ହେଉ କିମ୍ବା ବ୍ଲକ ଯିବାକୁ ହେଲେ ଚାଲି ଚାଲି ଯାଇଥାନ୍ତି। ରାସ୍ତାସାରା ଖାଲଖମା ଯୋଗୁ ଜରୁରିକାଳୀନ ପରିସ୍ଥିତିରେ ଦମକଳ କିମ୍ବା ଆମ୍ବୁଲାନ୍ସ ଆସିପାରୁନାହିଁ। ଘର ତିଆରି ପାଇଁ ଆବଶ୍ୟକ ବାଲି,ଗୋଡି, ସିମେଣ୍ଟ ନେବାପାଇଁ ଗାଡ଼ି ଚାଳକ ରାଜି ହେଉନାହାନ୍ତି। କାରଣ ଗାଡି ଓଲଟି ପଡିବାର ଭୟ ରହିଛି। ତେଣୁ ଲୋକେ କାନ୍ଧ ଭାରରେ ଏହିସବୁ ସାମଗ୍ରୀ ବୋହି ନେଉଛନ୍ତି। ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏପରି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପାବେରୀ ଓ ପ୍ରଧାନପଡ଼ା ଗ୍ରାମରେ ଦୁଇଟି ୟୁପି ସ୍କୁଲ ଅଛି। ଯେଉଁଠିକୁ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ର ଏହି ରାସ୍ତା ଦେଇଯାଆନ୍ତି। ୫ଗାଁର ବହୁ ଛାତ୍ରୀଛାତ୍ର ଖଜୁରିପଡ଼ା ହାଇସ୍କୁଲ ଏବଂ କଲେଜକୁ ପାଠ ପଢ଼ିବା ପାଇଁ ଯିବାବେଳେ ଅସୁବିଧା ଭୋଗୁଛନ୍ତି। ଗର୍ଭବତୀଙ୍କୁ ଦୋଳାରେ ବୋହି ନେବାକୁ ପଡେ। ଏହି ୩ କିମି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପଞ୍ଚାୟତ, ବ୍ଲକ ଅଫିସ ଏବଂ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା କହିଛନ୍ତି। ଏପରିକି ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଥିବା କହିଛନ୍ତି ୱାର୍ଡମେମ୍ବର ରମେଶ ଚନ୍ଦ୍ର ବେହେରା। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ରାସ୍ତା ନିର୍ମାଣ କଲେ ୫ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି ଗ୍ରାମର ଶଙ୍କର ବେହେରା, ରସାନନ୍ଦ ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଗ୍ରାମର ନନ୍ଦସୁତ ବେହେରା, ଦୁଃଶାସନ ପ୍ରଧାନ, ଅଚ୍ୟୁତ ଦେହୁରୀ, କପିଳ ମଲ୍ଲିକ ସମେତ ମା' ଇଷ୍ଟ ଦେବୀ ଯୁବ କଳା ପରିଷଦ ଦାବି କରିଛି।

ଏନେଇ ଖଜୁରିପଡା ବିଡିଓ ରବୀନ୍ଦ୍ର ନାଥ କହଁର କହିଛନ୍ତି ଯେ, ସେ ଏଠାରେ ନୂଆ କରି ଜଏନ କରିଛନ୍ତି। ସମସ୍ୟା ନେଇ ଗ୍ରାମବାସୀ ଜିଲାପାଳ ଓ ପୂର୍ବତନ ବିଡିଓଙ୍କୁ ଜଣାଇଥିଲେ। କ'ଣ ପାଇଁ ରାସ୍ତା ହୋଇ ନାହିଁ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି।


ବିପର୍ଯ୍ୟସ୍ତ ଗଡପଦର-ଧୁଙ୍ଗିଆମୁଣ୍ଡା ରାସ୍ତା।

# ପାରିବାରିକ ହିଂସା, ସ୍ୱାମୀ ଗିରଫ

ଦିଗପହଣ୍ଡି,୩୦।୧(ଡି.ଏନ.ଏ.)
ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ଗୋପୀନାଥ ମହାନ୍ତିଙ୍କୁ ଗୁରୁବାର କେ.ନୂଆଗାଁ ପୋଲିସ ଗିରଫ କରିଛି। ଗୋପୀନାଥ ତାଙ୍କ ସ୍ତ୍ରୀ ଶିବାନୀଙ୍କୁ ବୁଧବାର ରାତିରେ ନିସ୍ଥୁକ ମାଡ଼ ମାରିଥିଲେ। ଶିବାନୀଙ୍କ ଏତଲାକୁ ଭିତ୍ତି କରି ନଂ.୧୮/୨୦ ଦଫା-୩୨୩/୫୦୬/୪୯୮(କ) ଅନୁଯାୟୀ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଗତ କିଛିଦିନ ହେଲା ଗୋପୀନାଥ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ଜ୍ଞାନରଞ୍ଜନ ସେଠୀ ଜଣାଇଛନ୍ତି।

# ଜେଲ ଗଲେ ଅଭିଯୁକ୍ତ

## ମୋବାଇଲ ଫୋନ ଚୋରି ମାମଲା

ଦିଗପହଣ୍ଡି,୩୦।୧(ଡି.ଏନ.ଏ.)
ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମାରଡ଼ା ଗ୍ରାମର ଗୌତମ ପ୍ରଧାନଙ୍କୁ ଗୁରୁବାର ପୋଲିସ ଚୋରି ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୭/୨୦ ଦଫା ୩୮୦ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ତଦନ୍ତକାରୀ ପୋଲିସ ଅଧିକାରୀ ନୂଆପଡ଼ା ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ସୂଚନାନୁସାରେ ଡ଼ିସେମ୍ବର ୨୮ରେ ଚାନ୍ଦପୁର ଗାଁର କୃଷ୍ଣଚନ୍ଦ୍ର ସାହୁଙ୍କ ଦୋକାନକୁ ଯାଇ ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନ୍ ଚୋରି କରି ନେଇଥିଲେ। ଏନେଇ ଏତଲା ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଚୋରି ମୋବାଇଲ ଫୋନଟିକୁ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଜବତ କରିଛି।

# ଶ୍ରେଣୀଗୃହରେ ଶିକ୍ଷକ ଶୋଇଥିବା ଭିଡିଓ ଭାଇରାଲ

ଦାରିଙ୍ଗବାଡ଼ି,୩୦।୧(ଡି.ଏନ.ଏ)
ଦାରିଙ୍ଗବାଡ଼ି ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠି ଛାତ୍ରୀଛାତ୍ର ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଚଳିତ ଶିକ୍ଷା ବର୍ଷରେ ବିବାଦ ବ୍ଲକ ଶିକ୍ଷା ବିଭାଗର ପିଛା ଛାଡୁନି। ବିଦ୍ୟାଳୟରେ ଶିକ୍ଷକ ଶୋଇଥିବା ଏକ ଭିଡିଓ ଭାଇରାଲ ହୋଇଛି। ଦୁର୍ଗମ ଅଞ୍ଚଳ ପର୍ଡମାହା ପଞ୍ଚାୟତ ଝିମାବାଡ଼ି ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏପରି ଘଟଣା।

ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମାତ୍ର ୧୮ ଜଣ ଛାତ୍ରୀଛାତ୍ର ଥିବାବେଳେ ପ୍ରଧାନ ଶିକ୍ଷକଙ୍କ ସମେତ ୨ ଜଣ ଶିକ୍ଷକ ପାଠ ପଢାଉଛନ୍ତି। ଏବେ ଅଞ୍ଚଳରେ ଏହି ବିଦ୍ୟାଳୟର ଏକ ଭିଡିଓ ଭାଇରାଲ ହୋଇଛି। ବିଦ୍ୟାଳୟର ଜଣେ ଗଣଶିକ୍ଷକ ଚୌକିରେ ବସି ଶୋଇ ପଡ଼ିଥିବାବେଳେ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ନିଦରୁ ଉଠାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ସେ ନ ଉଠିବାରୁ ପାଠ ନ ପଢ଼ି ଶିକ୍ଷକ ଶୋଇଥିବାବେଳେ ସ୍କୁଲ ଛାଡ଼ି ଘରକୁ ଚାଲିଯାଉଛନ୍ତି। ଶିକ୍ଷକ ଜଣକ ନିଦରେ ଶୋଇଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ବୁଲୁଛି । ଏହାକୁ ନେଇ ସିଆର୍‌ସିସି ହରିଶଙ୍କର ପ୍ରଧାନଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଏନେଇ ସେ ତଦନ୍ତ କରୁଛନ୍ତି। ଘଟଣାରେ ସତ୍ୟତା ରହିଛି। ଭିଡିଓଟି ଗତ ଶୁକ୍ରବାରର ବୋଲି ସେ କହିଛନ୍ତି। ଶୀଘ୍ର ବିଇଓଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, କାର୍ଯ୍ୟରେ ଅନିୟମିତତା ନେଇ ଦାରିଙ୍ଗବାଡ଼ି ବ୍ଲକ ସରାମୁଲି ପଞ୍ଚାୟତର ମାର୍ଦ୍ଦିପଙ୍କା ପ୍ରାଥମିକ ବିଦ୍ୟାଳୟ, ସୋନପୁର ପଞ୍ଚାୟତ ଦବେଡ଼ି ବିଦ୍ୟାଳୟ ଓ ଲକଟି ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦରମା ବିଇଓ ବନ୍ଦ କରିଛନ୍ତି।

# ପୋଲିସ ପରିଚୟ ଦେଇ ସୁନାଚେନ୍, ମୁଦି ଲୁଟ୍

ଚିକିଟି,୩୦।୧(ଡି.ଏନ.ଏ.)
ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଅଞ୍ଚଳରେ ଗୁରୁବାର ମଧ୍ୟାହ୍ନରେ ଜଣେ ବୃଦ୍ଧ ଲୁଟର ଶିକାର ହୋଇଛନ୍ତି । ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବଇରିବାଡ ଗ୍ରାମର ପି.ଦଣ୍ଡ। ପୋଲିସ ପରିଚୟ ଦେଇ ଦୁର୍ବୃତ୍ତମାନେ ତାଙ୍କଠାରୁ ସୁନାଚେନ୍ ଓ ମୁଦି ଲୁଟି ନେଇଛନ୍ତି। ପି.ଦଣ୍ଡ ସ୍କୁଟର ଯୋଗେ ଚିକିଟି ବଜାରକୁ ଆସୁଥିଲେ। ଜନଗହଳିପୂର୍ଣ୍ଣ ସ୍ଥାନରେ ବାଇକ୍‌ରେ ଆସିଥିବା ୨ ଦୁର୍ବୃତ୍ତ ନିଜକୁ ପୋଲିସ୍ ପରିଚୟ ପି. ଦଣ୍ଡ ପିନ୍ଧିଥିବା ଚେନ ଓ ମୁଦି ସାଇତି ରଖିବାକୁ ତାଙ୍କୁ କହିଥିଲେ। ପି. ଦଣ୍ଡ ଚେନ ମୁଦି କାଢ଼ିବା ବେଳେ ଦୁର୍ବୃତ୍ତ କୌଶଳକ୍ରମେ ତାହାକୁ ଲୁଟିନେଇ ଏକ କଳା ରଙ୍ଗର ବାଇକରେ ଚମ୍ପଟ ମାରିଥିଲେ । ଲୁଟର ଶିକାର ହୋଇଥିବା ପି.ଦଣ୍ଡ ଏ ନେଇ କେ. ନୂଆଗାଁ ଥାନାରେ କରିଥିଲେ। ପୋଲିସ ନଂ.୨୦/୨୦୨୦ରେ ମାମଲା ରୁଜୁ କରଛି। ଥାନା ଅଧିକାରୀ ମାଧବନନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟେକ ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ମଧ୍ୟ ଲୁଟେରାଙ୍କ କୌଣସି ସନ୍ଧାନ ମିଳିନି। ପ୍ରଥମ ଥର କେ.ନୂଆଗାଁ ଥାନା ଏପରି ଘଟଣା ଘଟିଥିବାରୁ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଖଲ୍ଲିକୋଟ,୩୦।୧(ଡି.ଏନ.ଏ.)
ଖଲ୍ଲିକୋଟ ବ୍ଲକ ଭେଜିପୁଟ ଗ୍ରାମ ଓଡ଼ିଆସାହିର ଜଗନ୍ନାଥ ପରିଡ଼ାଙ୍କ ବିଦ୍ୟୁତ ଆଘାତରେ ଗୁରୁବାର ମୃତ୍ୟୁ ହୋଇଛି। ସୂଚନାନୁଯାୟୀ ଜଗନ୍ନାଥ ତାଙ୍କ ପରିବା ଜମିରେ ଏକ ଭାଡ଼ି ତିଆରି କରିବାକୁ ୨୦ ଫୁଟ ଲମ୍ବର କଞ୍ଚା ବାଉଁଶ ଜମିକୁ ନେଇ ଯାଉଥିଲେ। ଜମି ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ବାଉଁଶଟି ଆସିଯିବାରୁ ଜଗନ୍ନାଥଙ୍କୁ ଗୁରୁତର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଖଲିକୋଟ ମେଡିକାଲକୁ ନେଇଥିଲେ। ସେଠାରେ ଡ଼ାକ୍ତର ଜଗନ୍ନାଥଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୧/୨୦୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।




# ଆମ ପୋଲିସ ସମିତି ବୈଠକ

ବୁଗୁଡ଼ା,୩୦।୧(ଡି.ଏନ.ଏ.)
ବୁଗୁଡ଼ା ଥାନା ପରିସରରେ ଗୁରୁବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୋଲସରା ଛକଠାରୁ ମାଂସ ବଜାର ପର୍ଯ୍ୟନ୍ତ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ, ପୋଲସରା ଛକରେ ଥିବା ଏକ ହୋଟେଲର ମଇଳା ପାଣି ରାସ୍ତାକୁ ଛାଡିବା ବନ୍ଦ କରିବା, ଆସନ୍ତା ଗ୍ରୀଷ୍ମ ଋତୁକୁ ନଜରରେ ରଖି ଷ୍ଟାଣ୍ଡପୋଷ୍ଟ ଓ ମୁକୁଳା ଟ୍ୟାପର ମରାମତି, ବିଭିନ୍ନ ବିଦ୍ୟୁତ ଖୁଣ୍ଟରେ ଆଲୋକୀକରଣ ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ବରିଷ୍ଠ ନାଗରିକଙ୍କ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା, ଟାକରଡ଼ା ଗ୍ରାମପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା, ଏଟିଏମ୍ ଠକେଇ, ସାଇବର ଠକେଇ ଓ ଟ୍ରାଫିକ ନିୟମ ପ୍ରତି ସମସ୍ତେ ସଚେତନ ହେବାକୁ ଆଲୋଚନା ହୋଇଥିଲା। ଶେଷରେ ଏସ୍‌ଆଇ କାର୍ତ୍ତିକ ନାୟକ ଧନ୍ୟବାଦ ଦେଇଥିଲେ। ବୈଠକରେ ଏସ୍‌ଆଇ ତନୁଶ୍ରୀ ସାହୁ, ସୁରେଶ ଚନ୍ଦ୍ର ଦାଶ, ସୁଧାଂଶୁ ପାଢ଼ୀ, ଶରତ ଚନ୍ଦ୍ର ମହାରଣା, ମନ୍ଦାକିନୀ ସାହୁଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ୧୦୮ ଦମ୍ପତି ଦେଲେ ଆହୁତି

## ଗାୟତ୍ରୀ ମହାଯଜ୍ଞ

ଆସିକା,୩୦।୧(ଡି.ଏନ୍.ଏ.)
ଆସିକା ଏନ୍‌ଏସି କଳିଙ୍ଗା ରୋଡ ସଂଲଗ୍ନ ମହୋତ୍ସବପଡିଆରେ ଚାଲିଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ଗୁରୁବାର ଘୃତଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞସ୍ଥଳରେ ଶକ୍ତି କଳସ ପୂଜନ ସହ ୩୩କୋଟି ଦେବତାଙ୍କୁ ଆବାହନ ପରେ ଷୋଡଶ ଉପଚାର ସହ ବେଦମାତା ଗାୟତ୍ରୀଙ୍କୁ ଆହ୍ୱାନ କରାଯାଇଥିଲା। ପରେ ୧୦୮ ଯଜ୍ଞ କୁଣ୍ଡରେ ୧୦୮ ଦମ୍ପତି ଆହୁତି ଦେଇଥିଲେ। ଏହି ଅବସରରେ ଯଜ୍ଞପବିତ ଧାରଣ, ଗୁରୁ ପୂଜନ କାର୍ଯ୍ୟକ୍ରମ ଓ ମୁଣ୍ଡନ ଆଦି କରାଯାଇଥିଲା। ଯଜ୍ଞସ୍ଥଳରେ ଆୟୋଜିତ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ଶତାଧିକ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଆଧ୍ୟାତ୍ମିକ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# କଲେଜସ୍ତରୀୟ କମିଟି ଗଠନ ପାଇଁ ଚିଠି ପହଞ୍ଚିଲା

## ମୋ କଲେଜ ଅଭିଯାନକୁ ସ୍ୱାଗତ

ସୋରଡ଼ା,୩୦।୧(ଡି.ଏନ.ଏ.)
ରାଜ୍ୟରେ ଉଚ୍ଚଶିକ୍ଷାକୁ ଆହୁରି ମଜଭୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଏଥିରେ ସାମିଲ କରାଯାଇ କଲେଜର ଉନ୍ନତି ପାଇଁ ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ଚିଠି ପହଞ୍ଚିବା ପରେ ପୁରାତନ ଛାତ୍ରଙ୍କ ସମେତ ଅଭିଭାବକମାନେ ଖୁସିବ୍ୟକ୍ତ କରିଛନ୍ତି। ନିୟମ ପ୍ରକାରେ ଅତିଶୀଘ୍ର କଲେଜସ୍ତରୀୟ କମିଟି ଗଠନ କରାଯିବ। ଯେଉଁଥିରେ ପୁରାତନ ଛାତ୍ରମାନେ ସଭ୍ୟ ରହିବେ ଏବଂ କମିଟିର ବିଭିନ୍ନ ନିୟମାବଳି ରହିଛି। ସୂଚନାଯୋଗ୍ୟ ଯେ ଜମି ବିବାଦରେ ଛନ୍ଦି ହୋଇ ସମସ୍ୟାରେ ଥିବା ଋଷିକୁଲ୍ୟା ମହାବିଦ୍ୟାଳୟ ଏଣିକି ସମାଧାନ ବ୍ୟବସ୍ଥାକୁ ଆସିବାର ଆଶା କରାଯାଇଛି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଯୋଗୁ ଏହି ମହାବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ବାଧା ଉପୁଜୁଛି। ମୋ କଲେଜ ଅଭିଯାନ ପରେ ସମସ୍ୟା ସମାଧାନର ରାସ୍ତା ନିଶ୍ଚିତ ବାହାରିବ ବୋଲି ପୁରାତନ ଛାତ୍ରୀଛାତ୍ରମାନେ ଆଶା ବାନ୍ଧିଛନ୍ତି।

# ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ପ୍ରସ୍ତୁତି ବୈଠକ

ଗଞ୍ଜାମ,୩୦।୧(ଡି.ଏନ.ଏ.)
ଆସନ୍ତା ୨ ତାରିଖରେ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ନେହ୍ରୁ ଯୁବକେନ୍ଦ୍ର ବ୍ରହ୍ମପୁର ପକ୍ଷରୁ ଜିଲା ସ୍ତରୀୟ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ କାଶୀ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜକ ତଥା ଦିଗ୍‌ଦର୍ଶନ ୟୁଥ କ୍ଲବର ସମ୍ପାଦିକା ବିଜୟଲକ୍ଷ୍ମୀ ମହାଲ୍କୁଡ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଭାରତୀ ବିଦ୍ୟାପୀଠ ମିନିଷ୍ଟାଡିୟମରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସ୍ୱର୍ଗତ ରଘୁନାଥ ବେହେରାଙ୍କ ଦ୍ୱାରା ରଚିତ ଋଷିକୁଲ୍ୟା କାବ୍ୟ ଉନ୍ମୋଚନ ପାଇଁ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ସାମାଜିକ କର୍ମୀ ତଥା କ୍ଲବ ସଭାପତି ଉମାକାନ୍ତ ବେହେରା, ଆଇନଜୀବୀ ବିଷ୍ଣୁ ଚରଣ ବେହେରା, ହାଇସ୍କୁଲ କିରାଣୀ ହରି ବାରିକ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, ପ୍ରଫୁଲ୍ଲ ସାହୁ, ଦେବହରୀ ରେଡ୍ଡୀ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ